| PUBLICATION NAME : | Samaya |
| --- | --- |

# ଇଡିଆଇଆଇ ପକ୍ଷରୁ ଉଦ୍ୟୋଗ ଉପରେ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ, ଅହମଦାବାଦରେ ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ (ତିନି ଦିନିଆ) ୨୬ ଫେବୃଆରୀ ଠାରୁ ପ୍ରତିଷ୍ଠାନର କ୍ୟାମ୍ପସରେ ଅନୁଷ୍ଠିତ ହେଉଛି। ଉଦ୍ୟୋଗ ଉପରେ ତିନିଦିନିଆ ସମ୍ମିଳନୀ ଫେବୃଆରୀ ୨୮ରେ ସମାପ୍ତ ହେବ। ଏଥିରେ ବିଭିନ୍ନ ଗବେଷକ, ଶିକ୍ଷାବିତ ଓ ବୃତ୍ତିଧାରୀମାନେ ଯୋଗ ଦେଇ ଉଦ୍ୟୋଗ ବିକାଶ ଉପରେ ଗବେଷଣା ଅଧ୍ୟୟନ ଓ ନିଷ୍କର୍ଷ ବାଂଟିବାରେ ଇଡିଆଇଆଇ ପ୍ଲାଟଫର୍ମରେ ୧୯୯୪ ଠାରୁ ଉଦ୍ୟୋଗୀଙ୍କ ଉପରେ ଆଲୋଚନା ଆୟୋଜନ କରିଆସୁଛି। ଏହି ସମ୍ମିଳନୀରେ ଉଦ୍ୟୋଗିତାର ଗୁରୁତ୍ୱ ଓ ଅଭ୍ୟାସ, ଶିକ୍ଷା, ଇକୋସିଷ୍ଟମ, ମନସ୍ତତ୍ତ୍ୱ, ଏମଏସଏମଇ ଉଦ୍ୟୋଗିତା, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ, ଷ୍ଟାର୍ଟଅପ ତଥା ନବସୃଜନ, ସବୁଜ ଓ ସ୍ଥାୟୀ ଉଦ୍ୟୋଗ, ପରିବାର ବ୍ୟବସାୟ ଉପରେ ୯ଟିରୁ ଅଧିକ ଦେଶର ବିଦ୍ୱାନଙ୍କ ଦ୍ୱାରା ୧୮୪ଟି ଗବେଷଣା ପତ୍ର ଓ ଅଧ୍ୟୟନ ଉପସ୍ଥାପନା କରାଯାଇଥିଲା।




ମୁଖ୍ୟ ଅତିଥି ପ୍ର. ଡ. ଟିଭି ରାଓ, ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଟିଭି ରାଓ ଲର୍ଣିଂ ସିଷ୍ଟମ ପ୍ରା. ଲି. ଓ ଭାରତୀୟ ପରିଚାଳନା ସଂସ୍ଥାନ, ଅହମଦାବାଦର ପୂର୍ବତନ ପ୍ରଫେସରଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ସେ କହିଥିଲେ ଯେ ଆଜିର ଦ୍ରୁତ ଗତିରେ ଅର୍ଥନିତୀରେ ପରିବର୍ତନ ସହ ଉଦ୍ୟୋଗ ବିକାଶରେ ଅର୍ଥନୈତିକ ଅଭିବୃଦ୍ଧି ଓ ବୃତିଗତ ଉନ୍ନତିକୁ ଆଗେଇନେବା ଗୁରୁତ୍ୱପୂର୍ଣ୍ଣ। ମୁଁ ଆଶା କରେ ଏହି ମିଶନ ଏକ ଶକ୍ତିଶାଳୀ ଭାବରେ ବିଶ୍ୱ ସମସ୍ୟାର ସମାଧାନ ଲାଗି ପ୍ରଯୁକ୍ତି ବିଦ୍ୟା ଓ ନବସୃଜନକୁ ପ୍ରୋତ୍ସାହିତ କରିବ । ଏହାର ଅଂଶ ସ୍ୱରୂପ ଉଦ୍ୟୋଗିତା ଶିକ୍ଷାରେ ନବସୃଜନ ଉପରେ ଆଲୋଚନା କରିବା ଲାଗି ଏକ ଭାଇସ ଚାନସେଲର/ ଡାଇରେକ୍ଟରଙ୍କ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ର. ଡ. ହରିବଂଶ ଚତୁର୍ବେଦି, ନିର୍ଦ୍ଦେଶକ ଜେନେରାଲ, ଆଇଆଇଏଲଏମ ନ ୂ ଅ ା ଦ ି ଲ୍ଲ 1 ପ୍ୟାନେଲିଷ୍ଟମାନଙ୍କ ମଧ୍ୟରେ ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଂଟ ରାଂଚିର ନିର୍ଦ୍ଦେଶକ ପ୍ର. ଦୀପକ କୁମାର ଶ୍ରୀବାସ୍ତବ, ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ଗାନ୍ଧୀନଗରର ପ୍ର. ରଜତମୁନା, ଭାଇସ ଚ୍ୟାନସେଲର ଗୁଜୁରାଟ ଟେକନୋଲୋଜିକାଲ ବିଶ୍ୱବିଦ୍ୟାଳୟ, ଅହମଦାବାଦ ଓ ବହୁ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ ।